## ୩୩ ତମ ପିକକ୍ ଶିଶୁମେଳା ଉଦ୍‌ଯାପିତ

## ସୁସ୍ଥ ସମାଜ ପାଇଁ ପିଲାମାନଙ୍କୁ ସୁନାଗରିକ ରୂପେ ଗଢିତୋଳିବାର ଆବଶ୍ୟକତା ରହିଛି

### - ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବହୁ ବିଶିଷ୍ଟ ବ୍ୟକ୍ତି ସମ୍ମାନିତ

ଭୁବନେଶ୍ୱର ୨୦/୧୧- ପିଲାମାନେ ଭଲହେଲେ ଏକ ସୁସ୍ଥ ସମାଜ ଗଠନ ସମ୍ଭବପର ହେବ । ତେଣୁ ସେମାନଙ୍କୁ ସୁନାଗରିକ ରୂପେ ଗଢିତୋଳିବା ପାଇଁ ଉଭୟ ପରିବାର ଓ ବିଦ୍ୟାଳୟ ସ୍ତରରେ ପ୍ରୟାସ ଜାରି ରହିବା ସହିତ ଏକ ଅନୁକୂଳ ପରିବେଶ ସୃଷ୍ଟି କରାଯିବା ଉଚିତ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି ।

ଏକାମ୍ରହାଟ ମୁକ୍ତ ମଞ୍ଚରେ ଆୟୋଜିତ ୩୩ ତମ ପିକକ୍ ଶିଶୁମେଳାର ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥିରୂପେ ଯୋଗଦେଇ ଓଡିଶା ହାଇକୋର୍ଟର ପୂର୍ବତନ ବିଚାରପତି ଶ୍ରୀମତି ସଞ୍ଜୁ ପଣ୍ଡା କହିଥିଲେ ଯେ ସମାଜକୁ ଭଲ ବାଟକୁ ଆଣିବାକୁ ହେଲେ ପିଲା ମାନଙ୍କୁ ମୂଳରୁ ନୈତିକ ଶିକ୍ଷା ଦିଆଯିବା ସହିତ ଭଲ ମଣିଷଙ୍କ ଜୀବନାଦର୍ଶ ସମ୍ପର୍କରେ ଅବଗତ କରାଯିବାର ଆବଶ୍ୟକତା ରହିଛି । ଏହି ଅବସରରେ ସ୍ୱାମୀ ବିବେକାନନ୍ଦ ଓ ଶ୍ରବଣ କୁମାରଙ୍କ ତ୍ୟାଗପୂତ ଜୀବନକୁ ଅନୁସରଣ କରିବାକୁ ଶ୍ରୀମତି ପଣ୍ଡା ପିଲାମାନଙ୍କୁ ଉପଦେଶ ଦେଇଥିଲେ।

ଶିଶୁମେଳା କମିଟିର ଅଧକ୍ଷ ପ୍ରଦୋଷ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ପିକକ୍ ର ସମ୍ପାଦକ ରଞ୍ଜନ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିକକ୍ ର ଅଧକ୍ଷା ମିନାକ୍ଷୀ ପଣ୍ଡା, ଆଡପସନସେଣ୍ଟ୍ରମର ରୁବି ରାଉତ, ଅଲମ୍ନିଆନ ଅନୁରାଧା ବିଶ୍ୱାଳ, ମହିଳା ଓ ଶିଶୁ ବିକାଶ ବିଭାଗର ପରାମର୍ଶଦତ୍ରୀ ମଧୁମିତା ଦାସ, ବିଶିଷ୍ଟ କଣ୍ଠଶିଳ୍ପୀ ବନ୍ଦିତା ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କ ଭବିଷ୍ୟତକୁ ସୁନିଶ୍ଚିତ କରିବାସହ ସେମାନଙ୍କ ଇଛା ଓ ଅଭିଳାସ କୁ ଗୁରୁତ୍ତ୍ୱ ଦିଆଯିବା ଉଚିତ ବୋଲି କହିଥିଲେ । ଶେଷରେ ପିକକ୍ ର କାର୍ଯ୍ୟକାରୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

ପରିଶେଷରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ଲାଭକରିଥିବା ବହୁ ପ୍ରତିଭାବାନ ଶିଶୁଙ୍କୁ ସମ୍ମାନିତ କରଯାଇଥିଲା । କେନ୍ଦ୍ରପଡାର ଆରଜି ଗ୍ରାମର ଓମପ୍ରକାଶ ସାହୁଙ୍କୁ ସାହସିକତା ପାଇଁ "ବାଜିରାଉତ ସ୍ମାରକୀ ସମ୍ମାନ ୨୦୨୨" ପ୍ରଦାନ କରାଯାଇଥିବା ବେଳେ ଭୁବନେଶ୍ୱରର କିର୍ତୀ ବେହେରା ଙ୍କୁ ସମାଜ ସେବା ପାଇଁ ପ୍ରାଣନାଥ ପଟ୍ଟନାୟକ ସ୍ମାରକୀ ସମ୍ମାନ ୨୦୨୨, ଭୁବନେଶ୍ୱରର ଶାଶ୍ୱତୀ ନାରାୟଣୀ ଆଚାର୍ଯ୍ୟଙ୍କୁ "ପ୍ରଫୁଲ୍ଲ ଚନ୍ଦ୍ର ଦାସ ଶିଶୁ ପ୍ରତିଭା ସମ୍ମାନ ୨୦୨୨", ଭୁବନେଶ୍ୱରର ଶିଶୁ ଅଭିନେତ୍ରୀ ତ୍ରିଶା ପାତ୍ରୋଙ୍କୁ "ଡାଃ ଶରତ ପୂଜାରୀ ସ୍ମାରକୀ ସମ୍ମାନ ୨୦୨୨", ବଳିଷ୍ଟ ନେତୃତ୍ୱ ତଥା ସମାଜ ପରିବର୍ତ୍ତନକାରୀ କନ୍ଧମାଳର ଲିଶା ଦିଗଲଙ୍କୁ "ଆଦରମଣୀ ବରାଳ ସ୍ମାରକୀ ସମ୍ମାନ ୨୦୨୨" ଏବଂ କ୍ରୀଡା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଜି. ଏମ. ଅଳକନନ୍ଦାଙ୍କୁ "ସୁଷମା ମହପାତ୍ର ସ୍ମାରକୀ କ୍ରୀଡାବିତ୍ ସମ୍ମାନ ୨୦୨୨" ଓ ଆଦ୍ୟାଶା ଆରୋହିଙ୍କୁ "ବେବୀ ଓଫ ଦି ଇୟର ୨୦୨୨" ରେ ସମ୍ମାନିତ କରଯାଇଥିଲା ।

ସେହିପରି ବହୁ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷଙ୍କୁ ମଧ ଏହି ଅବସରରେ ସମ୍ମାନିତ କରଯାଇଥିଲା । ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶ୍ରୀଯୁକ୍ତ ମାଧବ ବିଶ୍ୱାଳଙ୍କୁ "ଅବନୀ ବରାଳ ସ୍ମାରକୀ ସମ୍ମାନ ୨୦୨୨", ସମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବରିଷ୍ଠ ସାମ୍ବାଦିକ ଶ୍ରୀଯୁକ୍ତ ଧୀରେନ୍ଦ୍ର ନାରାୟଣ ମିଶ୍ରଙ୍କୁ "ସ୍ୱରୂପ ଜେନା ସ୍ମାରକୀ ସମ୍ମାନ ୨୦୨୨", ଶ୍ରୀମତୀ ସସ୍ମିତା ସ୍ୱାଇଁଙ୍କୁ "ଶିଶୁ ସାଥି ସମ୍ମାନ ୨୦୨୨", ଡାଃ ନାରାୟଣ ପତିଙ୍କୁ ସମାଜସେବା ପାଇଁ "ଡାଃ ପ୍ରଫୁଲ୍ଲଚନ୍ଦ୍ର ଦାସ ଶିଶୁ ଅଧିକାର ସୁରକ୍ଷା ସମ୍ମାନ ୨୦୨୨" ତଥା ମହିଳା ପଞ୍ଚାୟତ ପ୍ରତିନିଧି ଓ ବଇଁତୁଆର ସରପଞ୍ଚ ଶ୍ରୀମତୀ ରଶ୍ମିତା ସାହୁଙ୍କୁ "ଆରାଧନା ନନ୍ଦ ସ୍ମାରକୀ ସମ୍ମାନ ୨୦୨୨" ସମ୍ମାନିତ କରଯାଇଥିଲା । ଆଧୁନିକ ନୃତ୍ୟ ପ୍ରତିଯୋଗୀତାର କୃତି ପ୍ରତିଯୋଗୀ ମାନଙ୍କୁ ମଧ ପୁରସ୍କୃତ କରାଯାଇଥିଲା ।

ସନ୍ଧ୍ୟାରେ କେଟିଟି, ଦଶାବତାର ନାଟ୍ୟଶାଳା, ଭିକିଡ୍ୟାମ୍ପ୍ ଗ୍ରୁପ ଓ ଦିବ୍ୟଜ୍ୟୋତି ସ୍ମୃତିପୀଠର ଶିଶୁ କଳାକାର ମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମର ପରିବେଷଣ କରାଯାଇଥିଲା । ପିକକ୍ ର ରତ୍ନା ଦାଶ, ଜ୍ୟୋତିଶଙ୍କର ମହାନ୍ତି, ଉପମା ମହାନ୍ତି ପ୍ରମୁଖ ଏହି ଉତ୍ସବ ର ପରିଚାଳନା କରିଥିଲେ।